ODISHA POLICE
STATE HEADQUARTERS
CUTTACK.

---

## ପ୍ରେସ୍ ନୋଟ୍
## ୧୩.୦୪.୨୦୨୫

ଓଡ଼ିଶା ପୁଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ହକି କଂପ୍ଲେକ୍ସରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚମ୍ପିଆନସିପ୍ - ୨୦୨୫ ରବିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ପଞ୍ଜାବ ଓ କର୍ଣ୍ଣାଟକ( ପୁରୁଷ)ପୋଲିସ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ପଞ୍ଜାବ, କର୍ଣ୍ଣାଟକ ପୋଲିସ ଦଳକୁ ୬-୦ ଗୋଲ ବ୍ୟବଧାନରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ବିଏସଏଫ ଓ ଉତ୍ତର ପ୍ରଦେଶ ( ପୁରୁଷ) ପୋଲିସ ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ପ୍ରତିଦ୍ୱନ୍ଦ୍ୱୀତାମୂଳକ ମ୍ୟାଚରେ ବିଏସଏଫ, ଉତ୍ତର ପ୍ରଦେଶ ପୋଲିସ ଦଳକୁ ୪-୩ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ସେହିପରି ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ସିଆରପିଏଫ ଓ ମଣିପୁର (ପୁରୁଷ) ପୋଲିସ ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ସିଆରପିଏଫ, ମଣିପୁର ପୋଲିସ ଦଳକୁ ୫-୧ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ସେହିପରି ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ସିଆଇଏସଏଫ ଓ ଆଇଟିବିପି ( ପୁରୁଷ) ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ପ୍ରତିଦ୍ୱନ୍ଦ୍ୱୀତାମୂଳକ ମ୍ୟାଚରେ ଆଇଟିବିପି ,

ସିଆଇଏସଏଫ ପୋଲିସ ଦଳକୁ ୩-୨ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି ।

ଆଜିର ବିଭିନ୍ନ ମ୍ୟାଚ ସମୟରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଶ୍ରୀ ଯତୀନ୍ଦ୍ର କୋୟଲ, ଆଇଜିପି (ଗୁଇନ୍ଦା) ଶ୍ରୀ ଜୟ ନାରାୟଣ ପଙ୍କଜ, ଆଇଜିପି (କ୍ରାଇମବ୍ରାଞ୍ଚ) ଡା. ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ଲୋକ ସମ୍ପର୍କ ଅଧିକାରୀ